## ୪ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ

୮ ନଂ. ୱାର୍ଡ କାଉନ୍‌ସିଲର ଉପ ନିର୍ବାଚନ

ଯୋଡ଼ା,(ମାନସ ମହାନ୍ତି): ଯୋଡ଼ା ପୌରପାଳିକାର ୮ ନଂ. ୱାର୍ଡରେ ନଭେମ୍ବର ୨୯ରେ ହେବାକୁ ଥିବା ଉପ ନିର୍ବାଚନ ପାଇଁ ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ପୌର ପାଳିକା ନିର୍ବାଚନ ପରିଚାଳନା ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉପ ନିର୍ବାଚନ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ପୂର୍ଣ୍ଣିମା ନାଏକ, ଭାଜପା ପ୍ରାର୍ଥୀ ଭଞ୍ଜ କିଶୋର ନାଏକ, ବିଜେଡି ପ୍ରାର୍ଥୀ ଶୁଭମ ନାଏକ ଓ ସ୍ୱାଧୀନ ପ୍ରାର୍ଥୀଭାବେ ରଞ୍ଜିତ ନାଏକ ନିର୍ବାଚନ ଲଢ଼ିବେ। ନଭେମ୍ବର ୨୯ ପୂର୍ବାହ୍ନ ୮ ଘଟିକାରୁ ଅପରାହ୍ନ ୫ଘଟିକା ପର୍ଯ୍ୟନ୍ତ ଯୋଡ଼ା ବସ୍ତି ପ୍ରାଥମିକ ବିଦ୍ୟାଳୟରେ ଭୋଟ ଗ୍ରହଣ କରାଯିବ।

## ସଂକ୍ଷେପରେ

### ପାଣି ମୋଟର ଚୋରି ମାମଲାରେ ୫ ଗିରଫ

ଚମ୍ପୁଆ,୧୭।୧୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ପୋଲିସ ପାଣି ମୋଟର ଚୋରି ଓ କିଣା ମାମଲାରେ ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚମ୍ପୁଆ ଅଞ୍ଚଳର ରଘୁନାଥ ମହାକୁଦ, ଜଗ ମୁଣ୍ଡା, ମାଗୁରୁ ହେସା, ବାଣେଶ୍ୱର ଓ ଦୁର୍ଯ୍ୟୋଧନ ପ୍ରଧାନ। ସୂଚନା ଅନୁଯାୟୀ, ଗତ ୨ ଦିନ ତଳେ ରାମଲା ଅଞ୍ଚଳରୁ ଉଠା ଜଳସେଚନ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ପାଣି ମୋଟର ଚୋରି ହୋଇଥିବା ମାଲିକ ସୁସିଲ ଗିରି ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା(ନଂ.୧୯୯/୨୦୨୩) ରୁଜୁ ହୋଇ ତନାଘନା ଆରମ୍ଭ କରାଯାଇଥିଲା। ପୋଲିସ କୌଣସି ସୁତ୍ରରୁ ଖବର ପାଇ ଚମ୍ପୁଆ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୨ ଗୋଟି ମୋଟର ଜବତ କରିଥିଲା। ଗୋଟିଏ ପମ୍ପ କିଣିଥିବା ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ମଧ୍ୟ ଗିରଫ କରିଥିଲା।

### ସନ୍ଥ ଆଚାର୍ଯ୍ୟ ବିନୋବା ଭାବେଙ୍କ ଶ୍ରାଦ୍ଧୋତ୍ସବ

ଭଦ୍ରକ,୧୭।୧୧(ସନାତନ ରାଉତ): ସତ୍ୟବାଦିତା, ନୀର୍ଭିକତା ଓ ଏକାଗ୍ରତା ଉପରେ ସର୍ବୋଦୟ ମଣ୍ଡଳ ପ୍ରତିଷ୍ଠା କରିଥିଲେ ସନ୍ଥ ବିନୋବା ଭାବେ। ଦୁଃଖ କମେଇବା ଓ ସୁଖ ବଢ଼େଇବାର ତାଙ୍କର ମନ୍ତ୍ର ଥିଲା ବୋଲି ଭଦ୍ରକ ଜିଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ସନ୍ଥ ବିନୋବା ଭାବେଙ୍କ ୪୧ତମ ଶ୍ରାଦ୍ଧୋତ୍ସବରେ ପ୍ରକାଶ କରିଥିଲେ। ଗାନ୍ଧୀ ବାଳାଶ୍ରମଠାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ଶାନ୍ତନୁ ରାଉତ, ଗୀତାରାଣୀ ଆଇଚ, ମାଧବ ଚନ୍ଦ୍ର ଜେନା, ଆଇନଜୀବୀ ମାଧବାନନ୍ଦ ବେହେରା, ଭବାନୀ ନାୟକ ପ୍ରମୁଖ ଯୋଗଦେଇ ବିନୋବା ଭାବେଙ୍କ ଭୁଦାନ ଯଜ୍ଞ ଓ ଗ୍ରାମଦାନ ଆନ୍ଦୋଳନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଆଶ୍ରମର ଅନ୍ତେବାସୀମାନଙ୍କ ସହ ଅତିଥିମାନେ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। ଉପସଭାପତି ବାଳାଶ୍ରମର ଅଶୋକ ଦାସ ଅତିଥି ପରିଚୟ ଓ ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସାମାଜିକକର୍ମୀ ସୁଧାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାରିଗଡ଼ ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ

ତେଲକୋଇ,୧୭।୧୧(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟରେ ଥିବା ଚାରିଗଡ଼ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ମାନଗୋବିନ୍ଦ ସାହୁ, ନୋଡ଼ାଲ ଅଫିସର ଅଧ୍ୟାପକ ଅନିଲ କୁମାର ସାହୁଙ୍କ ଉପସ୍ଥିତରେ ଛାତ୍ରୀଛାତ୍ରଙ୍କୁ ସଚେତନତା, ପ୍ରେରଣା ଉଦ୍ଦେଶ୍ୟରେ ବୈଠକରେ ଅଧ୍ୟାପକ ପାଣ୍ଡବ ଚରଣ ସାହୁ ଆଲୋଚନା କରିଥିଲେ। ରଶ୍ମିତା ପଟେଲ ଓ ଡା ମୋନାଲିସା ପ୍ରଧାନ ସ୍ୱାସ୍ଥ୍ୟସେବା ଏବଂ କାର୍ଯ୍ୟଦକ୍ଷତାକୁ ନେଇ ଛାତ୍ରୀଛାତ୍ରଙ୍କ ଏକ ଚିଠା ପ୍ରସ୍ତୁତ କରିଥିଲେ।

# ଦୋକାନ ଭାଙ୍ଗିବାକୁ ନେଇ ଉତ୍ତେଜନା

## କୋର୍ଟଙ୍କ ରହିତାଦେଶକୁ ଅବମାନନା

ବାଲେଶ୍ୱର,୧୭।୧୧(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଫକୀରମୋହନ ଗୋଲେଇ ନିକଟରେ ଭଡ଼ା ଘରେ ଚାଲିଥିବା ଏକ ଡ୍ରେସ୍ ଦୋକାନ ଛାଡ଼ିବାକୁ ନେଇ ଉଭୟ ଦୋକାନ ମାଲିକ ଓ ଘର ମାଲିକଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। ଏହାକୁ ନେଇ ଥାନା ଓ କୋର୍ଟରେ ମାମଲା ରୁଜୁ ହୋଇଛି। ଏପରିକି କୋର୍ଟଙ୍କ ରହିତାଦେଶ ମଧ୍ୟ ରହିଛି। କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଘର ମାଲିକ ଦୋକାନ ଭାଙ୍ଗିବାକୁ ଚେଷ୍ଟା କରିବାରୁ ଉତ୍ତେଜନା ଲାଗି ରହିଛି।

ଫକୀରମୋହନ ଗୋଲେଇ ନିକଟରେ ଥିବା କ୍ଲାସିକ ପୋଲୋ ଦୋକାନ (ଡ୍ରେସ୍ ଦୋକାନ) ଦୀର୍ଘଦିନ ଧରି ଭଡ଼ା ଘରେ ଚାଲି ଆସୁଥିଲା। କୌଣସି କାରଣରୁ କରୋନା ସମୟରେ ଘର ମାଲିକ ଦୋକାନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବିପତ୍ତି ସମୟରେ ଏତେ ବଡ଼ ବ୍ୟବସାୟ ନେଇ କୁଆଡ଼େ ଯିବେ ସେ ନେଇ ଦୋକାନର ସତ୍ତ୍ୱାଧିକାରିଣୀ ସୋନୁ ପେରିୱାଲ କୋର୍ଟରେ ଆଶ୍ରୟ ନେଇଥିଲେ। ବାଲେଶ୍ୱର ସେସନ୍ ସିଭିଲ ଜଜ୍ କୋର୍ଟରେ ଆଇଏ ନଂ. ୩୮୨/୪୬୩ ଅଫ୍ ୨୦୨୦ ଓ ସିଭିଲ ସୁଟ୍ ନଂ-୭୨୯/୮୪୦ ଅଫ୍ ୨୦୨୦ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ଏହାକୁ ନେଇ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଦୋକାନର ସତ୍ତ୍ୱାଧିକାରିଣୀଙ୍କୁ ଆସନ୍ତା ନଭେମ୍ବର ୩୦ ତାରିଖ ଯାଏ ରହିତାଦେଶ ଦିଆଯାଇଥିଲା। ଏହାପୂର୍ବରୁ ଘର ମାଲିକ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ପୂର୍ବରୁ ଦୋକାନ ଆଗରେ ପଥର ଜମା କରିବା, ଦୋକାନର ବିଦ୍ୟୁତ୍ ସଂଯୋଗ କାଟି ଦେବା ଭଳି କାର୍ଯ୍ୟ କରିଥିବା ବେଳେ ଗତ ୧୫ତାରିଖରେ ଜେସିବି ଲଗାଇ ଦୋକାନ ଘରକୁ ଭାଙ୍ଗିବା ଆରମ୍ଭ କରିଥିଲେ। ଏହା ଜାଣିପାରି ଦୋକାନ ସତ୍ତ୍ୱାଧିକାରିଣୀଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ଥାନାକୁ ଡାକି ନିଜ ନିଜ ସପକ୍ଷରେ ଥିବା କାଗଜପତ୍ର ଦାଖଲ ପାଇଁ କହିଥିଲେ। ଏହାପରେ ମଧ୍ୟ ଘର ମାଲିକଙ୍କ ପୁଅ ଶୁକ୍ରବାର ଦୋକାନ ଘର ଭାଙ୍ଗିବାକୁ ଚେଷ୍ଟା କରୁଥିବାରୁ ଏହାକୁ ନେଇ ସହଦେବଖୁଣ୍ଟା ଥାନାରେ ଦୋକାନର ସତ୍ତ୍ୱାଧିକାରିଣୀଙ୍କ ଅଭିଯୋଗ ଅନୁଯାୟୀ ଏକ ମାମଲା (ନଂ. ୪୪୦/୨୦୨୩) ରୁଜୁ କରାଯାଇଥିବା ଜଣାପଡ଼ିଛି।

ଏନେଇ ସହଦେବଖୁଣ୍ଟା ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତି କହିଛନ୍ତି ଅଭିଯୋଗକାରୀ କୋର୍ଟ ଅର୍ଡର ଥାନାରେ ଦେଖାଇଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ଏକ ମାମଲା ରୁଜୁ କରାଯାଇଛି। ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କୋର୍ଟର ରହିତାଦେଶ ସତ୍ତ୍ୱେ ଦୋକାନ ଭଙ୍ଗାଯାଉଛି।

# ସୁନା କିଣି ଆଉ ଜଣେ ପାଇଲେ ସ୍କୁଟି



କେନ୍ଦୁଝର,୧୭।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଉତ୍ତର ଓଡ଼ିଶାର ନିର୍ଭର ଯୋଗ୍ୟ ସୁନା ଓ ରୁପା ଅଳଙ୍କାର ପ୍ରତିଷ୍ଠାନ କନକ ଜୁଏଲେରି ପକ୍ଷରୁ ଶୁକ୍ରବାର ୭ ଲକ୍ଷ ଟଙ୍କାର ସୁନା ଗହଣା କିଣିଥିବା ଚମ୍ପୁଆ ଅଞ୍ଚଳର ଶଙ୍ଖାଳି ଚରଣ ସାହୁଙ୍କୁ ଇ-ସ୍କୁଟି ଉପହାର ଦିଆଯାଇଛି। ଏକ ସ୍ୱତନ୍ତ୍ର ଉପହାର ଯୋଜନାରେ କନକ ଜୁଏଲେରି ତରଫରୁ ଏଭଳି ଗ୍ରାହକଙ୍କୁ ଉପହାର ପ୍ରଦାନ କରାଯାଉଛି । ଏହା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକକାଳୀନ ସାତ ଲକ୍ଷ ଟଙ୍କାର ସୁନା କିଣିଲେ ଧନତେରାସ ଦିନଠାରୁ ଏଭଳି ଉପହାର ପ୍ରଦାନ କରାଯାଉଛି। କନକ ଜୁଏଲେରି ୨୨ କ୍ୟାରେଟ ସୁନା କିଣିବା ପାଇଁ ବିଶେଷ କରି ଗ୍ରାମାଞ୍ଚଳର ଲୋକମାନେ ଆଗ୍ରହ ପ୍ରକାଶ କରୁଛନ୍ତି।

# ଜିଲାସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା



ଗୋ ପାଳନ କରି ପୁରସ୍କୃତ ହେଉଥିବା ଚାଷୀ।

ବାରିପଦା,୧୭।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଏବଂ ଚାଷୀଙ୍କ ସମୃଦ୍ଧିକୁ ନେଇ ଦୁଇ ଦିନିଆ ମୟୂରଭଞ୍ଜ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ବାରିପଦାସ୍ଥିତ ଛଉ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍କୁଲ ଓ ଗଣଶିକ୍ଷା ତଥା ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଶମନ ମନ୍ତ୍ରୀ ସୁଦାମ ମାରାଣ୍ଡି ଉପସ୍ଥିତ ଥିଲେ। ପ୍ରାଣୀ ସମ୍ପଦର ଉପଯୁକ୍ତ ବିନିଯୋଗ କରିପାରିଲେ ଜୀବନ ଜୀବିକାରେ ଉନ୍ନତି ହେବା ସହିତ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମେଳାକୁ ଆସିଥିବା ଚାଷୀମାନେ ରାଜ୍ୟ ସରକାର ଦେଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇ ଏହାର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭବେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଉପସ୍ଥିତ ରହି ମହିଳା ଚାଷୀମାନେ କିପରି ଆଗକୁ ବଢ଼ି ନିଜର ପରିଚୟ ହାସଲ କରିପାରିବେ ସେ ସମ୍ପର୍କରେ ଅବଗତ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା.କଳ୍ପତରୁ ସ୍ୱାଇଁ ଅଧ୍ୟକ୍ଷତା କରି ଜିଲାରେ ମତ୍ସ୍ୟ, ଅଣ୍ଡା, ବ୍ରଏଲର କୁକୁଡ଼ା, କ୍ଷୀର ଆଦି ଉତ୍ପାଦନ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଜିଲାର ୪ଜଣ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। କ୍ଷୀର ଉତ୍ପାଦନରେ ଗାଈ ପାଳନ କରିଥିବା ଚାଷୀ ବଡ଼ସାହି ବ୍ଲକ ଅଙ୍ଗାରଗଡ଼ିଆ ଗ୍ରାମର ଚୌଧୁରୀ ସପନ କୁମାର ମହାପାତ୍ର, ବାଙ୍ଗିରିପୋଷି ବ୍ଲକ ଝିଙ୍କପାହାଡ଼ି ଗ୍ରାମରେ ଅଣ୍ଡା ଉତ୍ପାଦନ କରୁଥିବା ଚାଷୀ ରାଧାକାନ୍ତ ସାହୁ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।

# ଫୁଟବଲ ଟୁର୍ନାମେଣ୍ଟ, ଆରମଲା ଚାମ୍ପିୟନ

ବଡ଼ସାହି,୧୭।୧୧(ସସ୍ମିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଦରବାରପୁର ଗ୍ରାମର ଜୟ ମା' ସିନ୍ଧୁରଗୌରା ଯୁଥ କ୍ଲବ ଆନୁକୂଲ୍ୟରେ ୨୩ତମ ଦୁଇ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମିର୍ଗା ଏଫ୍.ସି ଦଳକୁ ହରାଇ ଆରମଲା ଟିମ୍ ଚାମ୍ପିୟନ ହୋଇଥିଲା। ସମିତି ସଭ୍ୟ ରାକେଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ମୁଖ୍ୟବକ୍ତା ବିଜେଡି ବ୍ଲକ୍ ସଭାପତି ତପନ କୁମାର ପତି, ସମ୍ମାନିତ ଅତିଥି ବ୍ଲକ୍ ଯୁବ କାର୍ଯ୍ୟକାରୀ ସଭାପତି ଦୀପକ ସାହୁ, ୱାର୍ଡ ମେମ୍ବର ବୁଧୁନି ସିଂ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୩୫ହଜାର ଓ ରନର୍ସ ଅପ୍ ଦଳକୁ ୨୫ହଜାର ଟଙ୍କାର ଆର୍ଥିକ ରାଶି ପ୍ରଦାନ କରିଥିଲେ। ସାମାଜିକ କର୍ମୀ ସନାତନ ବେହେରା ଧନ୍ୟବାଦ ଦେଇଥିଲେ। କ୍ଲବର ସଭାପତି ବ୍ରଜକିଶୋର ସିଂ, ସମ୍ପାଦକ ମନୋଜ ମହାନ୍ତ, ଚକ୍ରା ସିଂ, ଟୁଟୁ ସିଂ ଓ ବାପି ସିଂଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ମନୋଜ କୁମାର ମହାନ୍ତ ଖେଳ ପରିଚାଳନା କରିଥିଲେ।

# ପିଲାଙ୍କ ନାଚଗୀତରେ କମ୍ପିଲା କ୍ୟାମ୍ପସ୍

## ଗଡପୋଖରୀ ବିଦ୍ୟାଳୟରେ ସାମ୍ବତ୍ସରିକ ଉତ୍ସବ

ଖଇରା, ୧୭।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡ଼ପୋଖରୀ ସରକାରୀ ସ୍କୁଲର ସାମ୍ବତ୍ସରିକ ଉତ୍ସବ ଓ ଶିଶୁ ଦିବସ ଛାତ୍ରୀଛାତ୍ର, ଅଭିଭାବକଙ୍କ ଗହଣରେ ପାଳିତ ହୋଇଛି। ବରିଷ୍ଠ ନାଗରିକ ପ୍ରଫୁଲ୍ଲ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଶିକ୍ଷାବିତ୍ ଶତ୍ରୁଘ୍ନ ଦାସ, କମିଟି ସଭାପତି ଯୋଗେନ୍ଦ୍ର ମହାକୁଡ, ଶିକ୍ଷକ ନେତା ବିଜୟ କୁମାର ଦ୍ୱିବେଦୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ବେହେରା, ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ଦକ୍ଷିଣରାୟ ପ୍ରାରମ୍ଭିକ ସୂଚନା ଓ ଶିକ୍ଷୟିତ୍ରୀ ରତ୍ନମଣି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନେ ନୃତ୍ୟଗୀତର ଯାଦୁ ଦେଖାଇବା ପରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସରପଞ୍ଚ ଟିଙ୍କିରାଣୀ ସେଠୀ, ସିଆରସିସି ରଘୁନାଥ ଦଳାଇ, ଅଲୋସ୍ତା ସଂଘ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ମହେନ୍ଦ୍ର ନାଥ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।



ମୁଖ୍ୟଅତିଥି ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଜିଲାସ୍ତରୀୟ ସର୍‌ଗିଫୁଲ, ବିଜ୍ଞାନ ମେଳା

କେନ୍ଦୁଝର,୧୭।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ସମୂହ ପକ୍ଷରୁ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦୁଇଦିନିଆ ଜିଲାସ୍ତରୀୟ ସର୍‌ଗିଫୁଲ, ବିଜ୍ଞାନମେଳା ଓ ଭଲିବଲ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧନ୍ଧୀର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତପନ ନାଏକ, କେନ୍ଦୁଝର ମଣ୍ଡଳ ଶିକ୍ଷା ନୀରିକ୍ଷକ ସଞ୍ଜିତା ବେହେରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଜିଲା ଶିକ୍ଷା ନୀରିକ୍ଷକ ସଞ୍ଜୟ ଧଳ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ସଭାପତିତ୍ୱ କରିଥିଲେ। ସର୍‌ଗିଫୁଲ ଓ ବିଜ୍ଞାନମେଳା କାର୍ଯ୍ୟକ୍ରମରେ ତର୍କ, ସୃଜନାତ୍ମକ ଲେଖା, ସଙ୍ଗୀତ, ଗଣିତ, ବିଜ୍ଞାନ, କୁଇଜ୍, ଏକକ ଅଭିନୟ, ଗ୍ରୁପ ଡ୍ୟାନ୍ସ ଆଦି ବିଭାଗରେ ପ୍ରତିଯୋଗିତା ହୋଇଛି। ଉଚ୍ଚବିଦ୍ୟାଳୟସ୍ତରରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳକ ବିଭାଗରେ ୧୬ଟି ଦଳ ଏବଂ ବାଳିକା ବିଭାଗରେ ୧୪ଟି ଦଳ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ସୋମନାଥ ଆଇଚ, ବିକାଶ ଶତପଥି, ସରୋଜ ନନ୍ଦ, ତୀର୍ଥାନନ୍ଦ ସେଠୀ, ସୁରେନ୍ଦ୍ର ନାୟକ, ଲକ୍ଷ୍ମୀଧର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସମୁଦାୟ ୧୫୦୦ ଛାତ୍ରୀଛାତ୍ର ଏବଂ ୨୫୦ ଜଣ ଗାଇଡ୍ ଅଂଶଗ୍ରହଣ କରିଛନ୍ତି।

# ଭ୍ରଷ୍ଟାଚାରକୁ ବିରୋଧ: ବ୍ଲକ ଘେରିଲା ଭାଜପା

ରେମୁଣା(ରବୀନ୍ଦ୍ର ମହାକୁଡ଼)/
ରାଇବଣିଆ(ନବୀନ କୁମାର ସାହୁ),୧୭।୧୧

ରାଜ୍ୟ ସରକାର ଭ୍ରଷ୍ଟାଚାର ଓ କୁଶାସନରେ ରେକର୍ଡ କରିଥିବା ଆରୋପ ଉଠାଇ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ୧୪ରୁ ୧୮ ପର୍ଯ୍ୟନ୍ତ ବ୍ଲକ୍ ଓ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଜନଆକ୍ରୋଶ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଅନୁରୂପ ଭାବେ ଦଳୀୟ କର୍ମକର୍ତ୍ତାମାନେ ରେମୁଣା ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ପୂର୍ବତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ରେମୁଣା ବ୍ଲକ ପ୍ରଭାରୀ ଆଶିଷ ଘୋଷ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ। ସେହିପରି ଜଳେଶ୍ୱରର ବଡବଜାର ଡାକବଙ୍ଗଳାଠାରୁ ଶୁକ୍ରବାର ଏକ ବିଶାଳ ରାଲି ବାହାରି ବ୍ଲକ ପର୍ଯ୍ୟନ୍ତ ଆସିଥିଲା। ବାଲେଶ୍ୱରର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲା ଭାଜପା ସଭାପତି ଉମାକାନ୍ତ ମହାପାତ୍ର, କୃଷକ ନେତା ସମୀର ପାତ୍ରଙ୍କ ସହିତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ଜଳେଶ୍ୱର ବିଡିଓ ପୁନମ ରାଉତ ଆସି ଆଶ୍ୱାସନା ଦେଇଥିଲେ।

# ପ୍ଲାଷ୍ଟିକ୍‌ର ବିକଳ୍ପ ପ୍ରକଳ୍ପ ପ୍ରଥମ

## ହାଇସ୍କୁଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ

ତିହିଡ଼ି,୧୭।୧୧(ସଞ୍ଜିତ ବଳ)

ଗଛର ପତ୍ର, ଆଳୁ, ପିଆଜ ଇତ୍ୟାଦିରୁ ତିଆରି ହୋଇପାରିବ ପ୍ଲାଷ୍ଟିକ୍‌ର ବିକଳ୍ପ। ଏହା ସାହାର୍ଯ୍ୟରେ ପ୍ଲାଷ୍ଟିକ୍ ପରି ବିଭିନ୍ନ ସାମଗ୍ରୀ ତିଆରି ହୋଇପାରିବ। ଏହି ସାମଗ୍ରୀ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷିତ ହେବନାହିଁ। ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଅଧୀନ କୋହ୍ଲ ହାଇସ୍କୁଲରେ ଗୁରୁବାର ଅନୁଷ୍ଠିତ ହାଇସ୍କୁଲସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଏହି ବାୟୋପ୍ଲାଷ୍ଟିକ ପ୍ରକଳ୍ପ ପ୍ରଦର୍ଶନ କରି ଦଶମ ଶ୍ରେଣୀର ଛାତ୍ରୀ ରୁମା ପ୍ରଧାନ ପ୍ରଥମ ହୋଇଛନ୍ତି। ଅନ୍ୟ ପ୍ରକଳ୍ପ ପ୍ରଦର୍ଶନ କରି ଦଶମ ଶ୍ରେଣୀ ଛାତ୍ର ଦୀପକ ବାରିକ ୨ୟ, ନବମ ଶ୍ରେଣୀ ଛାତ୍ର ସମରଜିତ୍ ମହାନ୍ତି ୩ୟ ଏବଂ ରାଜେନ୍ଦ୍ର ଦାସ ୪ର୍ଥ ହୋଇଥିବା ଜଣାଯାଇଛି। ୪ଟି ପ୍ରକଳ୍ପ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାରେ ସ୍ଥାନ ପାଇବ। ପ୍ରଧାନଶିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତର ସମିତିସଭ୍ୟା ତିଳୋତ୍ତମା ବେହେରା ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ନୃସିଂହ ଚରଣ ମହାପାତ୍ର, ବରେଣ୍ୟ ଅତିଥିଭାବେ କବି ସଞ୍ଜିତ୍ ବଳ ଯୋଗଦେଇ ବିଜ୍ଞାନ ଆମକୁ ଉଚ୍ଚତମ ସୋପାନରେ ପହଞ୍ଚାଇଥିବା ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଏବଂ ଶିକ୍ଷକ ବିଶ୍ୱରଞ୍ଜନ ପଣ୍ଡା ବେଦପାଠ କରିଥିଲେ। ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। ମନମୋହିନୀ ବିଶ୍ୱାଳ, ରୋଜାଲିନ ବଳ, ଅଜୟ ବାରିକ, ତୋଫାନ ହେମ୍ବ୍ରମ, ଗୀତାଞ୍ଜଳି ରଥ, ହିରଣ୍ମୟୀ ସାହୁ, ବାସନ୍ତୀଲତା ନାୟକ, ଗିରିଜାନନ୍ଦନ ଦାସ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।



ବିଜ୍ଞାନ ପ୍ରଦର୍ଶନୀକୁ ସମିତିସଭ୍ୟା ଉଦ୍‌ଘାଟନ କରୁଛନ୍ତି।

# 'ସାମ୍ବାଦିକଙ୍କୁ ନିର୍ଭୀକ ହେବାକୁ ପଡ଼ିବ'




ମଞ୍ଚରେ ଉପସ୍ଥିତ ଅତିଥିମାନେ।

## ଯୋଡା ପ୍ରେସ୍ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ

ଯୋଡ଼ା,୧୭।୧୧(ମାନସ ମହାନ୍ତି)

ସାମ୍ବାଦିକତାମାନଙ୍କୁ ନିର୍ଭୀକ ଓ ନୀରପେକ୍ଷ ହେବାକୁ ପଡ଼ିବ। ନଚେତ ଏ କ୍ଷେତ୍ରରୁ ଦୂରେଇ ରହିବା ଉଚିତ। କେନ୍ଦୁଝର ଜିଲା ଯୋଡ଼ା ପ୍ରେସ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଟାଟା ଷ୍ଟିଲ ଭ୍ୟାଲି କ୍ଲବ୍‌ଠାରେ ଆୟୋଜିତ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ବରିଷ୍ଠ ଖବରଦାତା ତଥା ସ୍ତମ୍ଭକାର ସନ୍ଦିପ ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଏହା କହିଥିଲେ। ସମ୍ମାନିତ ଅତିଥିଭାବେ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଯୋଗଦେଇ କହିଥିଲେ, ଗଣମାଧ୍ୟମ ତାର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସୁଥିବାରୁ ଅଧିକରୁ ଅଧିକ ଜନସାଧାରଣଙ୍କର ଆସ୍ଥା ଭାଜନ ହୋଇପାରିଛି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଯୋଡା ପୌରପାଳିକା ଅଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜାତୀୟ, ଅନ୍ତର୍ଜାତୀୟ ଧାବିକା ଦୂତୀ ଚାନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଯୋଡ଼ା ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ. ମୃଦଳା ମହାନ୍ତିଙ୍କୁ ଶିକ୍ଷା ଗୌରବ, ପରିବେଶବିତ୍ ସନ୍ଦିପ ବେହେରା, ଚମ୍ପୁଆ ରାମଲା ଅଞ୍ଚଳର ସାମାଜିକ କର୍ମୀ ସୀତାରା ବେଗମ, ଯୋଡ଼ା ନନ୍ଦୀ ଗୋ ସେବା କେନ୍ଦ୍ରର କର୍ମକର୍ତ୍ତା ଏବଂ ଲେଖକ ତଥା ସଂଗ୍ରାହକ ଭଣ୍ଡା ଅଞ୍ଚଳର ଡମ୍ବରୁଧର ମହାନ୍ତଙ୍କୁ ସମ୍ମାନିତ କରାଯାଇଥିଲା। ଖବରଦାତା ପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ ସାରଦା ପ୍ରସାଦ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୋଡା ଟ୍ରକ୍ ମାଲିକ ସଂଘର ସମ୍ପାଦକ ସୁଶାନ୍ତ କୁମାର ବାରିକ, ଟାଟା ଷ୍ଟିଲ କର୍ପୋରେଟ ଅଧିକାରୀ ଶୁଭଙ୍କର ବେହେରା ପ୍ରମୁଖ ଗଣମାଧ୍ୟମରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

# ବାସ୍ତବ ଇଣ୍ଡିଆ ଜିଲା ସଂଯୋଜକ ଗିରଫ

ଭଦ୍ରକ,୧୭।୧୧(ସନାତନ ରାଉତ): ନିଯୁକ୍ତି ଓ ଷ୍ଟାଇପେଣ୍ଡ ଦେବାକୁ କହି ଲକ୍ଷାଧିକ ଟଙ୍କା ନେଇଥିବା ବାସ୍ତବ ଇଣ୍ଡିଆ ଟ୍ରଷ୍ଟର ଜିଲା ସଂଯୋଜକଙ୍କୁ ଭଦ୍ରକ ଟାଉନ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଭଣ୍ଡାରିପୋଖରୀ ଥାନା ରହଣିଆ ପଞ୍ଚାୟତ ନୂଆପୋଖରୀର ଅମର ଜେନା ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ସଂଯୋଜିକା ନିଯୁକ୍ତି ପାଇଁ ମହିଳାଙ୍କଠାରୁ ୩ ହଜାର ଟଙ୍କା, ସୋଲାର ଲାଇଟ୍ ପାଇଁ ୧୬୫୦, ଷ୍ଟାଇପେଣ୍ଡ ପାଇଁ ୩ ହଜାର ଟଙ୍କା ଲେଖାଏ ବ୍ଲକ୍ ଓ ପଞ୍ଚାୟତ ସଂଯୋଜକଙ୍କ ମାଧ୍ୟମରେ ପଞ୍ଜୀକରଣ ବାବଦକୁ ଆଦାୟ କରୁଥିଲେ। ପରେ ସଂଯୋଜକମାନଙ୍କ ସହିତ କୌଣସି ଯୋଗାଯୋଗ କରି ନ ଥିଲେ। ଗୁରୁବାର ସନ୍ଧ୍ୟାରେ ଧୂଷୁରୀ ଥାନା ଅଞ୍ଚଳର କଳ୍ପନା ନାୟକ ତାଙ୍କୁ ଟାଉନ୍ ପୋଲିସ ଜିମା ଦେଇଥିଲେ। କଳ୍ପନାଙ୍କ ଅଭିଯୋଗ ଆଧାରରେ ଟାଉନ ଥାନାରେ ଏକ ମାମଲା(ନଂ. ୬୦୯/୨୩) ରୁଜୁ ହୋଇଥିବା ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି। ତପସ୍ୱିନୀ ଦାସ, ପ୍ରଦୀପ ପରିଡ଼ାଙ୍କ ସମେତ ଠକାମୀର ଶିକାର ହୋଇଥିବା ଅନ୍ୟ ବ୍ୟକ୍ତି ଲିଖିତ ଅଭିଯୋଗ କରିଛନ୍ତି।

